# NATIONAL NEWS BULLETIN (ODIA)
## 4 December - 2024
## Morning Bulletin : 7.15 a.m.

**********************************

## ମୁଖ୍ୟ ସମ୍ବାଦ

- ଦେଶରେ ଆଜି ପାଳନ କରାଯାଉଛି ନୌସେନା ଦିବସ ।

– ପୁରୀରେ ଆୟୋଜିତ ସମାରୋହରେ ଯୋଗଦେବେ ରାଷ୍ଟ୍ରପତି ।

- ବିଧାୟକ ଦଳ ନେତା ନିର୍ବାଚନ ନେଇ ଆଜି ମୁମ୍ବାଇ ଠାରେ ଅନୁଷ୍ଠିତ ହେବ ମହାରାଷ୍ଟ୍ର ନବନିର୍ବାଚିତ ବିଜେପି ବିଧାୟକ ଦଳ ବୈଠକ ।
- ଜମି କ୍ଷୟ ଏବଂ ବାଧ୍ୟତାମୂଳକ ସ୍ଥାନାନ୍ତରର କୁ-ପ୍ରଭାବକୁ ପ୍ରତିହତ କରିବା ପାଇଁ ଆନ୍ତର୍ଜାତିକ ସହଯୋଗର ଆବଶ୍ୟକତା ଉପରେ ଗୁରୁତ୍ୱ ପ୍ରଦାନ କଲେ ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ।
- ବାଂଲାଦେଶ ପରିସ୍ଥିତିକୁ ଦୃଷ୍ଟିରେ ରଖି ପରିବର୍ତ୍ତିତ ପର୍ଯ୍ୟଟନ ମାର୍ଗଦର୍ଶିକା ଜାରି କଲା ବ୍ରିଟେନ୍ ।

ଏବଂ

- ପୁରୁଷ ହକି ଜୁନିୟର୍ ଏସୀୟକପ୍ ଟାଇଟଲ ହାସଲ ପାଇଁ ଆଜି ଭାରତ-ପାକିସ୍ତାନ ମଧ୍ୟରେ ମୁକାବିଲା ।

# ନାଭି ଡେ

ନୌସେନା ଦିବସ ଆଜି ପାଳନ କରାଯାଉଛି । ଭାରତୀୟ ନୌସେନାର ସଫଳତା ଏବଂ ଭୂମିକାକୁ ସ୍ୱୀକୃତି ଦେବା ଲକ୍ଷ୍ୟରେ ପ୍ରତିବର୍ଷ ଡିସେମ୍ବର ୪ ତାରିଖରେ ଏହି ଦିବସ ପାଳନ କରାଯାଇଥାଏ । ୧୯୭୧ ମସିହା ଆଜିର ଦିନରେ ଅପରେସନ୍ ଟ୍ରାଇଡେଣ୍ଟ ସମୟରେ ଭାରତୀୟ ନୌସେନା ପି.ଏନ୍.ଏସ୍. ଖାଇବର ସମେତ ୪ଟି ପାକିସ୍ତାନୀ ଜାହାଜକୁ ବୁଡ଼ାଇ ଦେଇଥିଲା । ଫଳରେ ବହୁ ପାକିସ୍ତାନୀ ନୌସୈନିକଙ୍କର ମୃତ୍ୟୁ ହୋଇଥିଲା ।

ପୁରୀରେ ଅନୁଷ୍ଠିତ ହେବାକୁ ଥିବା ନୌସେନା ଦିବସ ସମାରୋହରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯୋଗଦେବେ । ଜଳ, ସ୍ଥଳ ଏବଂ ଆକାଶପଥରେ ନୌସେନା ପକ୍ଷରୁ ଦୁସାହସିକ ସାମରିକ କୌଶଳ ପ୍ରଦର୍ଶନ କରାଯିବ । ଏଥିରେ ନୌସେନାର ୧୫ଟି ଯୁଦ୍ଧ ଜାହାଜ, ୪୦ଟି ଲଢୁଆ ବିମାନ ଏବଂ ୪ଟି ଯୁଦ୍ଧ ଟ୍ୟାଙ୍କ୍ ଅଂଶଗ୍ରହଣ କରିଛନ୍ତି । ମାର୍କୋସ ବାହିନୀ ପକ୍ଷରୁ ରାଷ୍ଟ୍ରପତିଙ୍କ ସମ୍ମୁଖରେ ପରେଡ୍ ପ୍ରଦର୍ଶନ କରାଯିବ । ସ୍ୱଦେଶି ଜ୍ଞାନକୌଶଳରେ ନିର୍ମିତ ବିକ୍ରମ ସମେତ ଅନ୍ୟାନ୍ୟ ଯୁଦ୍ଧ ଜାହାଜ ଏହି ସମାରୋହରେ ଅଂଶଗ୍ରହଣ କରୁଛନ୍ତି । ଏଥିପାଇଁ ପୁରୀ ଜିଲ୍ଲା ପ୍ରଶାସନ ଏବଂ ନୌସେନା ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି । ଏହି ଦିବସ ପାଳନ ଏବଂ ରାଷ୍ଟ୍ରପତିଙ୍କ ଗସ୍ତ ପରିପ୍ରେକ୍ଷୀରେ ପୁରୀ

ପୌରପାଳିକାର ସମସ୍ତ ପ୍ରାଥମିକ, ମାଧ୍ୟମିକ ଏବଂ ଉଚ୍ଚ ମାଧ୍ୟମିକ ଶିକ୍ଷାନୁଷ୍ଠାନ ଗୁଡ଼ିକ ପାଇଁ ଆଜି ଛୁଟି ଘୋଷଣା କରାଯାଇଛି ।

## ମହା-ବିଜେପି ମିଟ୍

ମହାରାଷ୍ଟ୍ର ନବନିର୍ବାଚିତ ବିଜେପି ବିଧାୟକ ଦଳ ବୈଠକ ଆଜି ମୁମ୍ବାଇ ଠାରେ ଅନୁଷ୍ଠିତ ହୋଇ ନେତା ନିର୍ବାଚନ କରାଯିବ । ଏଥିରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଏବଂ ଗୁଜରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୂପାନି ପର୍ଯ୍ୟବେକ୍ଷକ ଭାବେ ଉପସ୍ଥିତ ରହିବେ । ମୁମ୍ବାଇର ଆଜାଦ ମଇଦାନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉପସ୍ଥିତିରେ ଆସନ୍ତାକାଲି ଅପରାହ୍ଣ ୫ଟାରେ ନୂଆ ମୁଖ୍ୟମନ୍ତ୍ରୀ ଶପଥ ଗ୍ରହଣ କରିବାର କାର୍ଯ୍ୟସୂଚୀ ରହିଛି । ବରିଷ୍ଠ ବିଜେପି ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନାବିସ୍ ମୁଖ୍ୟମନ୍ତ୍ରୀ ପଦ ପାଇଁ ଆଗରେ ଥିବା ଜଣାପଡ଼ିଛି ।

ସୂଚନା ଯୋଗ୍ୟ ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ବିଜେପି ନେତୃତ୍ୱାଧୀନ ମହାୟୁତି ମେଣ୍ଟ ସଂଖ୍ୟା ଗରିଷ୍ଠତା ହାସଲ କରିଛି ।

# କଂଗ୍ରେସ-ଇସି

କଂଗ୍ରେସର ବରିଷ୍ଠ ନେତା ଅଭିଶେକ ମନୁ ସିଂଘଭିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଗତକାଲି ଭାରତୀୟ ନିର୍ବାଚନ କମିଶନଙ୍କୁ ଭେଟି ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି । ବୈଠକ ପରେ ଶ୍ରୀ ସିଂଘଭି କହିଛନ୍ତି, ଲୋକସଭା ଏବଂ ବିଧାନସଭା ନିର୍ବାଚନର ୫ ମାସ ମଧ୍ୟରେ ଭୋଟର ତାଲିକା ସଂଶୋଧନ କରିବା ପ୍ରସଙ୍ଗ ପ୍ରତିନିଧି ଦଳ ଉତ୍ଥାପନ କରିଛନ୍ତି । ବୁଥ୍ ଏବଂ ନିର୍ବାଚନ ମଣ୍ଡଳୀ ଭିତ୍ତିକ ତଥ୍ୟ ଦଳ ପକ୍ଷରୁ ନିର୍ବାଚନ କମିଶନଙ୍କ ଠାରୁ ମଗାଯାଇଛି ବୋଲି ବୋଲି ସେ କହିଛନ୍ତି ।

ସୂଚନା ଯୋଗ୍ୟ ମହାରାଷ୍ଟ୍ର ନିର୍ବାଚନକୁ ନେଇ କଂଗ୍ରେସ କେତେକ ଅଭିଯୋଗ ଉତ୍ଥାପନ କରିବା ପରିପ୍ରେକ୍ଷୀରେ ନିର୍ବାଚନ କମିଶନ ଦଳକୁ ଆଲୋଚନା ପାଇଁ ଆମନ୍ତ୍ରଣ କରିଥିଲେ । ନିର୍ବାଚନ ପ୍ରକ୍ରିୟାର ସ୍ୱଚ୍ଛତା ଉପରେ ଆୟୋଗ ଦୃଢ଼ୋକ୍ତି ପ୍ରକାଶ କରିବା ସହିତ କଂଗ୍ରେସ ଦଳର ଅଭିଯୋଗ ନେଇ ସମସ୍ତ ପ୍ରକାର ସମୀକ୍ଷା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ।

# ଇଣ୍ଡିଆ-କୋପ୍୧୬

ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ ଜମି କ୍ଷୟ ଏବଂ ବାଧ୍ୟତାମୂଳକ ସ୍ଥାନାନ୍ତରର କୁ-ପ୍ରଭାବକୁ ପ୍ରତିହତ କରିବା ପାଇଁ ଆନ୍ତର୍ଜାତିକ ସହଯୋଗର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଛନ୍ତି । ସାଉଦିଆରବ ରାଜଧାନୀ ରିଆଦରେ ମିଳିତ ଜାତିସଂଘର ମରୁଭୂମିକରଣ ମୁକାବିଲା ସମ୍ମିଳନୀ କୋପ୍-୧୬କୁ ସମ୍ବୋଧନ କରି ମନ୍ତ୍ରୀ ଶ୍ରୀ ଯାଦବ ଏହା କହିଛନ୍ତି । ସେ କହିଛନ୍ତି, ସ୍ଥାନାନ୍ତର ଏକ ପୁରାତନ ପରିସ୍ଥିତି ହୋଇଥିଲେ ମଧ୍ୟ ଏଥିପାଇଁ ଉନ୍ନତ ସୁଯୋଗର ଆବଶ୍ୟକତା ରହିଛି । ଜୀବିକା ସନ୍ଧାନରେ ସ୍ଥାନାନ୍ତରର ଆବଶ୍ୟକତା ପଡ଼ିଥାଏ । ଜମିକ୍ଷୟ ଏବଂ ମରୁଡ଼ି ଯୋଗୁଁ ମାଟିର ଉତ୍ପାଦକତା ହ୍ରାସ ପାଇବା ସହିତ ଜୀବିକା ନଷ୍ଟ ହେଉଛି ବୋଲି ସେ କହିଛନ୍ତି । ତେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୨୦୧୯ ପ୍ରତିଶ୍ରୁତି ଆଧାରରେ ଭାରତରେ ଭୂମି ଅବକ୍ଷୟ ରୋକିବା ପାଇଁ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ୨୦୩୦ ସୁଦ୍ଧା ୨୬ ନିୟୁତ ହେକ୍ଟର ଜମିର ପୁନରୁଦ୍ଧାର ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ଯାଦବ ସୂଚନା ଦେଇଛନ୍ତି । ଜଳାଶୟ ପୁନରୁଦ୍ଧାର ପାଇଁ, ଅମୃତ ସରୋବର ପଦକ୍ଷେପ ଏବଂ କୃଷକଙ୍କୁ ମୃତିକା ସ୍ୱାସ୍ଥ୍ୟକାର୍ଡ ବଣ୍ଟନ ଆଦି ବିଭିନ୍ନ କଲ୍ୟାଣକାରୀ ଯୋଜନା ଲାଗୁ କରାଯାଇଛି ବୋଲି ସେ କହିଛନ୍ତି ।

## ଆଇଏନ୍-ସ୍ପେସ୍ ସ୍କିଲ୍

ଭାରତୀୟ ଜାତୀୟ ମହାକାଶ ପ୍ରୋତ୍ସାହନ ଓ ପ୍ରାଧିକରଣ କେନ୍ଦ୍ର ଆଇ.ଏନ୍.ଏସ୍.ପି.ଏ.ସି.କୁ ଆନୁଷ୍ଠାନିକ ଭାବେ ଏକ ପୁରସ୍କାର ପ୍ରଦାନକାରୀ ସଂସ୍ଥା ଭାବେ ସ୍ୱୀକୃତି ପ୍ରଦାନ କରାଯାଇଛି । ଦକ୍ଷତା ବିକାଶ ଏବଂ ଉଦ୍ୟୋଗ ମନ୍ତ୍ରଣାଳୟର ଜାତୀୟ ଧନ୍ଦାମୂଳକ ଶିକ୍ଷା ଓ ପ୍ରଶିକ୍ଷଣ ପରିଷଦ ଏହି ସ୍ୱୀକୃତି ପ୍ରଦାନ କରିଛି । ମହାକାଶ କ୍ଷେତ୍ରରେ ଧନ୍ଦାମୂଳକ ଶିକ୍ଷା ଏବଂ ପ୍ରଶିକ୍ଷଣ କ୍ଷେତ୍ରକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି । ମହାକାଶ ବିଭାଗ ଅଧୀନରେ ଏହି କେନ୍ଦ୍ର ଏକ ସ୍ୱୟଂଶାସିତ ସଂସ୍ଥା ଭାବେ କାର୍ଯ୍ୟ କରୁଛି ।

## ୟୁକେ-ବାଂଲାଦେଶ

ବାଂଲାଦେଶ ପରିସ୍ଥିତିକୁ ଦୃଷ୍ଟିରେ ରଖି ବ୍ରିଟେନ୍ ପରିବର୍ତ୍ତନ ପର୍ଯ୍ୟଟନ ମାର୍ଗଦର୍ଶିକା ଜାରି କରିଛି । ଆତଙ୍କବାଦୀ ଆକ୍ରମଣକୁ ଦୃଷ୍ଟିରେ ରଖି ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି । ବ୍ରିଟେନ୍‌ର ବୈଦେଶିକ, ରାଜ୍ୟଗୋଷ୍ଠୀ ଏବଂ ବିକାଶ କାର୍ଯ୍ୟାଳୟ ପକ୍ଷରୁ ଜନଗହଳିପୂର୍ଣ୍ଣ ଅଞ୍ଚଳ, ଧାର୍ମିକ କୋଠା ଏବଂ ରାଜନୈତିକ ର୍‍ୟାଲି ଭଳି ସ୍ଥାନରେ ଆତଙ୍କବାଦୀଙ୍କ ଆକ୍ରମଣ ନେଇ ଆଶଙ୍କା ପ୍ରକାଶ କରାଯାଇଛି । ସଂଖ୍ୟାଲଘୁ ଧାର୍ମିକ ସମ୍ପ୍ରଦାୟ ଉପରେ ଆକ୍ରମଣ ଏବଂ ସୁରକ୍ଷା ବାହିନୀକୁ ଲକ୍ଷ୍ୟ କରି ଏଭଳି

ପଦକ୍ଷେପ ନିଆଯାଇ ପାରେ ବୋଲି ବ୍ରିଟେନ୍ ପକ୍ଷରୁ ଚିନ୍ତା ପ୍ରକଟ କରାଯାଇଛି । ପ୍ରମୁଖ ସହର ଗୁଡ଼ିକରେ ଆଇ.ଆଇ.ଡି. ଆକ୍ରମଣ ମଧ୍ୟ ହୋଇପାରେ ବୋଲି ବ୍ରିଟେନ୍ ସତର୍କ କରାଇ ଦେଇଛି ।

## ୟୁକ୍ରେନ୍-ରୁଷ

ୟୁକ୍ରେନ୍‌କୁ ନାଟୋର ସଦସ୍ୟତା ପ୍ରଦାନ ନେଇ ସମ୍ଭାବ୍ୟ ନିଷ୍ପତ୍ତି ରୁଷର ଗ୍ରହଣୀୟ ନୁହେଁ ବୋଲି କ୍ରେମ୍‌ଲିନ୍ ମୁଖପାତ୍ର ଦିମିତ୍ରି ପେସ୍କୋ କହିଛନ୍ତି । ନାଟୋରେ ପୂର୍ଣ୍ଣ ସଦସ୍ୟତା ପାଇଁ ୟୁକ୍ରେନ୍‌ର ଇଚ୍ଛା ସମ୍ପର୍କିତ ଗଣମାଧ୍ୟମରେ ପ୍ରକାଶିତ ଖବର ଉପରେ ପ୍ରତିକ୍ରିୟା ରଖି ଶ୍ରୀ ପେସ୍କୋ କହିଛନ୍ତି, ଏଭଳି ପଦକ୍ଷେପ ନିରାପତ୍ତା ପାଇଁ ରୁଷିଆର ଚିନ୍ତାର ସମ୍ପୂର୍ଣ୍ଣ ବିପରିତ । ଏଭଳି ନିଷ୍ପତ୍ତି ରୁଷ ପାଇଁ ଏକ ବିପଜ୍ଜନକ ଘଟଣା ହେବ ଏବଂ ସଂଘର୍ଷର ମୂଳ କାରଣ ଦୂରୀଭୂତ ହୋଇପାରିବ ନାହିଁ ବୋଲି ଶ୍ରୀ ପେସ୍କୋ ଉଲ୍ଲେଖ କରିଛନ୍ତି ।

ସୂଚନା ଯୋଗ୍ୟ ୟୁକ୍ରେନ୍‌ର ବୈଦେଶିକ ମନ୍ତ୍ରଣାଳୟ ନାଟୋରେ ପୂର୍ଣ୍ଣ ସଦସ୍ୟତା ଦେଶର ସୁରକ୍ଷା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ ବୋଲି କହିଛି ।

## ଇସ୍ରୋ-ପିଏସ୍ଏଲ୍ଭି

ଶ୍ରୀହରୀକୋଟା ସ୍ଥିତ ସତୀଶ ଧାୱନ ମହାକାଶ କେନ୍ଦ୍ରରୁ ଆଜି ଅପରାହ୍ଣ ୪ଟା ୮ ମିନିଟ୍‌ରେ ଇସ୍ରୋ ପକ୍ଷରୁ ପି.ଏସ୍.ଏଲ୍.ଭି.-ସି-୫୯ ପ୍ରୋବା-୩ ଉପଗ୍ରହର ଉତ୍‌କ୍ଷେପଣ କରାଯିବ । ୟୁରୋପୀୟ ମହାକାଶ ଏଜେନ୍ସିର ପ୍ରୋବା-୩ ଉପଗ୍ରହକୁ ପି.ଏସ୍.ଏଲ୍.ଭି.-ସି-୫୯ ମାଧ୍ୟମରେ ମହାକାଶ ଜଟିଳ କକ୍ଷପଥ ଉଦ୍ଦେଶ୍ୟରେ ଉତ୍‌କ୍ଷେପଣ କରାଯିବ । ଇସ୍ରୋର ବାଣିଜ୍ୟିକ ଶାଖା ନ୍ୟୁ ସ୍ପେସ୍ ଇଣ୍ଡିଆ ଲିମିଟେଡ୍‌କୁ ଏଥିପାଇଁ ୟୁରୋପୀୟ ମହାକାଶ ଏଜେନ୍ସି ପକ୍ଷରୁ ଦାୟିତ୍ୱ ଅର୍ପଣ କରାଯାଇଛି । କକ୍ଷପଥରେ ପହଞ୍ଚିବା ପରେ ପ୍ରୋବା-୩ ଉପଗ୍ରହଗୁଡ଼ିକ ଦୁଇଟି ଭାଗରେ ବିଭକ୍ତ ହେବ । ଏହି ଉପଗ୍ରହ ଗୁଡ଼ିକ ସୂର୍ଯ୍ୟଙ୍କ କରୋନା ଏବଂ ଏହାର ଆଖପାଖ ବାୟୁମଣ୍ଡଳ, ମହାକାଶ ପାଣିପାଗ ଏବଂ ସୌର ପବନ ଉପରେ ଅଧ୍ୟୟନ କରିବ ।

## ହକି

ପୁରୁଷ ହକି ଜୁନିୟର୍ ଏସିଆକପ୍ ୨୦୨୪ ପ୍ରତିଯୋଗିତାର ଟାଇଟଲ ହାସଲ ପାଇଁ ଆଜି ଭାରତ-ପାକିସ୍ତାନ ମଧ୍ୟରେ ମୁକାବିଲା ହେବ । ଓମାନର ମାସ୍କଟ୍ ହକି ଷ୍ଟାଡିୟମ୍ ଠାରେ ଚାଲିଥିବା ଏହି ହକି ପ୍ରତିଯୋଗିତାରେ ଗତକାଲି ଅନୁଷ୍ଠିତ ସେମିଫାଇନାଲ୍ ମ୍ୟାଚ୍‌ରେ ଭାରତ

ମାଲେସିଆକୁ ୩-୧ ଗୋଲ୍‌ରେ ପରାସ୍ତ କରିଛି । ଭାରତ ପକ୍ଷରୁ ଦିଲ୍‌ରାଜ ସିଂହ, ରୋହିତ ଏବଂ ସାରଦା ନନ୍ଦ ତିୱାରୀ ଗୋଟିଏ ଲେଖାଏଁ ଗୋଲ୍‌ସ୍କୋର କରିଥିଲେ । ଦ୍ୱିତୀୟ ସେମିଫାଇନାଲ୍‌ରେ ପାକିସ୍ତାନ ଜାପାନ୍‌କୁ ୪-୨ ଗୋଲ୍‌ରେ ପରାସ୍ତ କରି ଫାଇନାଲ୍‌ରେ ପହଞ୍ଚିଛି ।

# କ୍ରିକେଟ୍

୧୯ ବର୍ଷରୁ କମ୍ ଏସିଆ କପ୍ କ୍ରିକେଟ୍ ପ୍ରତିଯୋଗିତାରେ ଆଜି ଭାରତ ଏବଂ ୟୁନାଇଟେଡ୍ ଆରବ ଏମିରେଟସ୍ ମଧ୍ୟରେ ମୁକାବିଲା ହେବ । ଭାରତୀୟ ସମୟ ପୂର୍ବାହ୍ନ ସାଢ଼େ ୧୦ଟାରେ ସାରଜା କ୍ରିକେଟ୍ ଷ୍ଟାଡିୟମ୍ ଠାରେ ଗ୍ରୁପ୍-ଏ ପର୍ଯ୍ୟାୟର ଏହି ଦିନିକିଆ ଆନ୍ତର୍ଜାତିକ ମ୍ୟାଚ୍ ଖେଳାଯିବ । ଗ୍ରୁପ୍-ଏର ଅନ୍ୟ ଏକ ମ୍ୟାଚ୍‌ରେ ପାକିସ୍ତାନ ଜାପାନ ମଧ୍ୟରେ ଦୁବାଇ ଇଣ୍ଟରନ୍ୟାସନାଲ୍ ଷ୍ଟାଡିୟମ୍ ଠାରେ ମ୍ୟାଚ୍ ଖେଳାଯିବ । ଗ୍ରୁପ୍-ଏର ତାଲିକା ସୂଚୀରେ ଭାରତ ଏ ପର୍ଯ୍ୟନ୍ତ ଦ୍ୱିତୀୟ ସ୍ଥାନରେ ରହିଛି । ଆଜିର ମ୍ୟାଚ୍‌ରେ ୟୁନାଇଟେଡ୍ ଆରବ ଏମିରେଟସ୍‌କୁ ପରାସ୍ତ କଲେ ଭାରତ ସେମିଫାଇନାଲ୍ ପର୍ଯ୍ୟାୟରେ ନିଜର ସ୍ଥାନ ପକ୍କା କରିପାରିବ ।

## ଏସୀୟ ମହିଳା ହ୍ୟାଣ୍ଡବଲ୍ ଚାମ୍ପିୟନ୍‌ସିପ୍

ଏସୀୟ ମହିଳା ହ୍ୟାଣ୍ଡବଲ୍ ଚାମ୍ପିୟନ୍‌ସିପ୍‌ରେ ଆୟୋଜକ ଭାରତ ଆଜି ଇରାନ୍‌କୁ ଭେଟିବ । ନୂଆଦିଲ୍ଲୀର ଇନ୍ଦିରା ଗାନ୍ଧି ଇଣ୍ଡୋର ଷ୍ଟାଡିୟମ୍ ଠାରେ ଆଜି ସନ୍ଧ୍ୟା ୬ଟାରେ ଗ୍ରୁପ୍-ବି ର ଏହି ଦ୍ୱିତୀୟ ମ୍ୟାଚ୍ ଅନୁଷ୍ଠିତ ହେବ । ଆଜି ଅନୁଷ୍ଠିତ ହେବାକୁ ଥିବା ଅନ୍ୟ ମ୍ୟାଚ୍ ଗୁଡ଼ିକ ମଧ୍ୟରେ ହଂକଂ-ଚୀନ୍ ଜାପାନକୁ ଭେଟୁଥିବା ବେଳେ ସିଙ୍ଗାପୁର ଓ ଚୀନ୍ ମଧ୍ୟରେ ଅନ୍ୟ ଏକ ମ୍ୟାଚ୍ ଖେଳାଯିବ । ଗ୍ରୁପ୍-ଏ ର ଏକ ମ୍ୟାଚ୍‌ରେ କାଜାକାସ୍ତାନ ରିପବ୍ଲିକ୍ ଅଫ୍ କୋରିଆ ବିପକ୍ଷରେ ଖେଳିବ । ଗତକାଲି ଗ୍ରୁପ୍-ବି ର ପ୍ରଥମ ମ୍ୟାଚ୍‌ରେ ଭାରତ, ହଂକଂ-ଚୀନ୍‌କୁ ୩୧-୨୮ ପଏଣ୍ଟରେ ପରାସ୍ତ କରିଥିଲା । ଭାରତ ପ୍ରଥମଥର ପାଇଁ ଏହି ପ୍ରତିଯୋଗିତା ଆୟୋଜନ କରିଛି । ଟୁର୍ଣ୍ଣାମେଣ୍ଟର ୨୦ତମ ସଂସ୍କରଣରେ ୮ଟି ଦଳ ଅଂଶଗ୍ରହଣ କରୁଛନ୍ତି । ଆସନ୍ତାବର୍ଷ ନଭେମ୍ବର ଏବଂ ଡିସେମ୍ବରରେ ଜର୍ମାନୀ ଓ ନେଦରଲାଣ୍ଡରେ ହେବାକୁ ଥିବା ବିଶ୍ୱ ଚାମ୍ପିୟନ୍‌ସିପ୍ ପ୍ରତିଯୋଗିତା ପାଇଁ ଏହି ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ୪ଟି ଦଳ ଯୋଗ୍ୟତା ଅର୍ଜନ କରିବେ ।

## ପୁଡୁଚେରୀର-ଫ୍ଲଡ୍

ସାମୁଦ୍ରିକ ଝଡ଼ 'ଫେଞ୍ଜାଲ' ପ୍ରଭାବରେ ପୁଡୁଚେରୀର ନେତାପକ୍କମ୍ ଅଞ୍ଚଳରେ ହ୍ରଦ ଏବଂ ପୋଖରୀ ଗୁଡ଼ିକରେ ଜଳସ୍ତର ବୃଦ୍ଧି ପାଇଛି । ଗତ

ଦୁଇ ଦିନର ପ୍ରବଳ ବର୍ଷା ଯୋଗୁଁ ସାଧାରଣ ଜନଜୀବନ ଗୁରୁତର ବ୍ୟାହତ ହୋଇଛି । ରାସ୍ତାଗୁଡ଼ିକ ଜଳମଗ୍ନ ହେବା ସହ ସଡ଼କ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି । ତଳିଆ ଅଞ୍ଚଳ ଗୁଡ଼ିକ ଜଳମଗ୍ନ ହେବା ଫଳରେ ପରିସ୍ଥିତି ଗମ୍ଭୀର ଥିବା ଜଣାପଡ଼ିଛି । ଉଦ୍ଧାର ଏବଂ ରିଲିଫ୍ କାର୍ଯ୍ୟ ପାଇଁ ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଛି ।